ପି.ଆର.ନଂ. ୫୪୨/୨୦୨୪

ଫର୍ମ ସଂଖ୍ୟା – ୧୧

# ତହସିଲଦାରଙ୍କ ଅଦାଲତ, କେନ୍ଦୁଝର

## ଇସ୍ତାହାର

ଏତଦ୍ୱାରା ମୌଜା: ଗୋପାଳପୁର ର ଗ୍ରାମବାସୀ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଯେ, ରାଜାସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ, ଓଡିଶାଙ୍କ ଆଦେଶ ସଂଖ୍ୟା: ୨୨୧୨୦/ରା ଓ ବି ତା: ୨୯.୦୭.୨୦୨୧ ଏବଂ ରାଜସ୍ୱ ପରିଷଦ୍, ଓଡିଶା, କଟକଙ୍କ ପତ୍ର ସଂଖ୍ୟା:୩୨୭୨/ତା: ୨୮.୦୭.୨୦୧୪ ମୁତାବକ ,ରାଜସ୍ୱ ମୌଜା: "ଜଡିପଦା" ର ପଡା ଗ୍ରାମ " **ଝଲରା ସାହି**"କୁ ଏକ ରାଜସ୍ୱ ଗ୍ରାମ ଗଠନ କରାଯିବା ପାଇଁ ସରକାର ସ୍ଥିର କରିଛନ୍ତି। ଏଥି ନିମନ୍ତେ ହେବାକୁ ଥିବା ସୀମା ନିର୍ଧାରଣ କାର୍ଯ୍ୟରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ସେମାନେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଏହି ଇସ୍ତାହାର ଘୋଷିତ ହେବାର ୩୦ ଦିନ ମଧ୍ୟରେ କାରଣ ସହ ଲିଖିତ ଆପତ୍ତି ଜଣାଇ ପାରିବେ। ନିର୍ଦ୍ଧାରିତ ସମୟ ପରେ କୌଣି ଆପତ୍ତି ଦରଖାସ୍ତ ବିଚାର ପାଇଁ ଯୋଗ୍ୟ ବିବେଚିତ ହେବନାହିଁ।ଏଥି ସହିତ ପ୍ରସ୍ତାବିତ ମୌଜା ର ସରହଦ ଚିହ୍ନହିତ ମାନଚିତ୍ରର ଏକ କିତା ନକଲ ପ୍ରକାଶନ ନିମନ୍ତେ ସଂଯୁକ୍ତ କରାଗଲା।

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମରେ ଡାକ ବାଜି ଜନ୍ତ ଦ୍ୱାରା ପ୍ରଚାର ଓ ପ୍ରସାର ପ୍ର ନିମନ୍ତେ ପ୍ରେରଣ କରାଗଲ /ଅନ୍ୟ ଏକକିତା ନକଲ District Website: https://kendujhar.odisha.gov.in ରେ ପ୍ରକାଶନ ପାଇଁ / ଅନ୍ୟ ଏକାକିତା ନକଲ ସଂପୃକ୍ତ ଗ୍ରାମ ପଞ୍ଚାୟତଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ଏବଂ ଅନ୍ୟ ଏକକିତା ନକଲ ତହସିଲ କାର୍ଯ୍ୟାଳୟ, କେନ୍ଦୁଝରଙ୍କ ନୋଟିସ୍ ବୋର୍ଡରେ ପ୍ରକାଶନ ପାଇଁ ପ୍ରେରିତ ହେଲା ।

ତହସିଲଦାର, କେନ୍ଦୁଝର
TAHASILDAR
KEONJHAR

Scanned with OKEN Scanner